# NATIONAL NEWS BULLETIN (ODIA)
## 3 April - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଭାରତ ଓ ଥାଇଲାଣ୍ଡ ମଧ୍ୟରେ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ।

– ଉଭୟ ଦେଶ ମଧ୍ୟରେ ସମ୍ପର୍କକୁ ରଣନୈତିକ ଭାଗିଦାରୀରେ ପରିଣତ କରିବା ନେଇ ଘୋଷଣା କଲେ ପ୍ରଧାନମନ୍ତ୍ରୀ ।

- ୱାକଫ୍ ସଂଶୋଧନ ବିଲ୍ ଉପରେ ରାଜ୍ୟସଭାରେ ଜାରି ରହିଛି ଆଲୋଚନା ।

- ଖାଦ୍ୟ ଗୁଣବତ୍ତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଦେଶରେ ୧୦୦ଟି ପରୀକ୍ଷାଗାର କାର୍ଯ୍ୟକାରୀ କରାଯିବ, କହିଲେ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ।

- ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗ ହାଇକୋର୍ଟଙ୍କ ନିଷ୍ପତ୍ତିକୁ କାଏମ ରଖିଲେ ସୁପ୍ରିମ୍‌କୋର୍ଟ ।

ଏବଂ

- ଆଇପିଏଲ୍ କ୍ରିକେଟ୍ ଆଜିର ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ।

# ପିଏମ୍-ଥାଇଲାଣ୍ଡ ଭିଜିଟ୍

ସୂଚନା ଓ ପ୍ରଯୁକ୍ତି, ସାମୁଦ୍ରିକ, ଏମ୍.ଏସ୍.ଏମ୍.ଇ., ହସ୍ତଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଭାରତ-ଥାଇଲାଣ୍ଡ ମଧ୍ୟରେ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବ୍ୟାଙ୍କକ୍ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଥାଇଲାଣ୍ଡ ପ୍ରତିପକ୍ଷ ପେଟୋଙ୍ଗଟାଙ୍ଗ ସିନାୱାର୍ତ୍ତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ପରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ଭାରତ-ଥାଇଲାଣ୍ଡ ସହଭାଗିତାକୁ ଅଧିକା ତ୍ୱରାନ୍ୱିତ କରିବା ଏବଂ ଆଞ୍ଚଳିକ ଓ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟ ନେତା ମତବିନିମୟ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଗାର୍ଡଅଫ୍ ଅନର ପ୍ରଦାନ କରାଯାଇଥିଲା ।

ଆଲୋଚନା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମିଳିତ ବିବୃତ୍ତିରେ ଭାରତ-ଥାଇଲାଣ୍ଡ ସମ୍ପର୍କକୁ ରଣନୈତିକ ଭାଗିଦାରୀରେ ପରିଣତ କରିବା ସଂକ୍ରାନ୍ତ ନିଷ୍ପତ୍ତିର ଘୋଷଣା କରିଛନ୍ତି । ଭାରତର ଆକ୍ଟ ଇଷ୍ଟ ନୀତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣରୁ ଥାଇଲାଣ୍ଡର ସ୍ଥାନ ସ୍ୱତନ୍ତ୍ର

ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉଭୟ ଦେଶର ସୁରକ୍ଷା ସଂସ୍ଥା ଗୁଡ଼ିକ ମଧ୍ୟରେ ରଣନୈତିକ ଭାଗିଦାରିତା ନେଇ ଆଲୋଚନା ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

**V/O-PM-MODI-ACT-EAST-POLICY**

ଆଲୋଚନା ସମୟରେ ଉଭୟ ପକ୍ଷ ପର୍ଯ୍ୟଟନ ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପାରସ୍ପରିକ ବାଣିଜ୍ୟ ଓ ପୁଞ୍ଜିନିବେଶ ଉପରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି । ଉଭୟ ଦେଶ ମଧ୍ୟରେ ସମ୍ପର୍କ ବହୁ ପୁରାତନ ଏବଂ ଗଭୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ସୂତ୍ରରେ ଜଡ଼ିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସଂପ୍ରତି ଥାଇଲାଣ୍ଡରେ ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତବାସୀଙ୍କ ତରଫରୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି ।

ଥାଇଲାଣ୍ଡକୁ ଏହି ଦୁଇଦିନିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଆଜି ସଂଧ୍ୟାରେ ଥାଇଲାଣ୍ଡ ପ୍ରତିପକ୍ଷ ପେଟୋଙ୍ଗଟାଙ୍ଗ ସିନାୱାର୍ତ୍ତାଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ବିଭିନ୍ନ କ୍ଷେତ୍ରରେ ଅଗ୍ରଗତିର ନୂତନ ମାର୍ଗ ଉନ୍ମୋଚନ ନେଇ ମଧ୍ୟ ଦୁଇନେତାଙ୍କ ମଧ୍ୟରେ ମତ ବିନିମୟ ହେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ କେତେକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହେବ ।

ଷଷ୍ଠ ବିମ୍‌ଷ୍ଟେକ ଶିଖର ସମ୍ମିଳନୀରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଯୋଗଦେବେ । ଚଳିତଥରର ବିଷୟବସ୍ତୁ ରହିଛି 'ବିମ୍‌ଷ୍ଟେକ୍-ସମୃଦ୍ଧ, ସହନଶୀଳ ଏବଂ ଉନ୍ମୁକ୍ତ' । ଏହି ଶିଖର ସମ୍ମିଳନୀରେ ବ୍ୟାଙ୍କକ ଭିଜନ ୨୦୩୦ ଉପରେ ଆଲୋଚନା କରାଯିବା ସହିତ ଏହାକୁ ଗ୍ରହଣ କରାଯିବାର ଆଶା କରାଯାଉଛି । ଏହି ଅବସରରେ ବିମ୍‌ଷ୍ଟେକ୍ ଗୋଷ୍ଠୀ ରାଷ୍ଟ୍ର ଗୁଡ଼ିକର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ପ୍ରସ୍ତୁତ ରିପୋର୍ଟଗୁଡ଼ିକ ଉପରେ ମଧ୍ୟ ମତ ବିନିମୟ ହେବ ।

ଏହି ଶିଖର ସମ୍ମିଳନୀ ଅବସରରେ ବିଭିନ୍ନ କ୍ଷେତ୍ରରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀ ପରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ତିନିଦିନିଆ ଶ୍ରୀଲଙ୍କା ଗସ୍ତରେ ଯିବେ । ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ଗସ୍ତରେ ଯାଉଛନ୍ତି । ସୂଚନାଯୋଗ୍ୟ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଦିଶାନାୟକ ପ୍ରଥମ ବିଦେଶଗସ୍ତରେ ଆସି ଭାରତରେ ପହଞ୍ଚିଥିଲେ । ଶ୍ରୀ ମୋଦୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାର୍ଯ୍ୟକାଳ ମଧ୍ୟରେ ଏହା ହେଉଛି ଚତୁର୍ଥ ଶ୍ରୀଲଙ୍କା ଗସ୍ତ । ଦୁଇଦେଶ ମଧ୍ୟରେ ସଂସ୍କୃତି, ଇତିହାସ, ଧର୍ମ ଏବଂ ଲୋକଙ୍କ ମଧ୍ୟରେ ସୁଦୃଢ଼ ସମ୍ପର୍କ ରହିଛି । ଶ୍ରୀଲଙ୍କା ହେଉଛି ଭାରତର ପଡୋଶୀ ପ୍ରଥମ ନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ।

## ପିଏମ୍-ଥାଇ-ଗିଫ୍ଟ

ଥାଇଲାଣ୍ଡର ବ୍ୟାଙ୍କକକ୍ ଠାରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ପ୍ରତିପକ୍ଷ ପେଟୋଙ୍ଗଟାଙ୍ଗ ସିନାୱାର୍ତ୍ରା ଏକ ଐତିହ୍ୟ – 'ବିଶ୍ୱ ଟାଇ ପିଟାକା – ସର୍ଜ୍ଜୈୟ ଫୋନେଟିକ୍ ଏଡିସନ୍' ପ୍ରଦାନ କରିଛନ୍ତି । ତତ୍କାଳୀନ ରାଜା ରାମା ନବମ – ଭୂମିବୋଲ୍ ଅଦୁଲ୍ୟତେଜ୍ ଏବଂ ରାଣୀ ସିରିକିତ୍ଙ୍କ ୭୦ ବର୍ଷ ଶାସନକାଳ ଅବସରରେ ୨୦୧୬ ମସିହାରେ ଥାଇଲାଣ୍ଡ ସରକାର ଏହାକୁ ନିଜ ଦେଶକୁ ଆଣିଥିଲେ । ଭଗବାନ ବୁଦ୍ଧଙ୍କର ଶିକ୍ଷାର ଏହା ହେଉଛି ଏକ ସଂକଳନ ଯେଉଁଥିରେ ପାଲିଟିପିକାଙ୍କ ୯ ନିୟୁତରୁ ଅଧିକ ଅକ୍ଷରର ସଠିକ୍ ଉଚ୍ଚାରଣ ରହିଛି । ଥାଇଲାଣ୍ଡ ସରକାର ଏହାକୁ ୩୦ଟିରୁ ଅଧିକ ଦେଶକୁ ସମସ୍ତଙ୍କ ପାଇଁ ଶାନ୍ତି ଓ ଜ୍ଞାନର ଉପହାର ଭାବେ ପ୍ରଦାନ କରିଛନ୍ତି । ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ଥାଇଲାଣ୍ଡ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହା ତାଙ୍କ ପ୍ରତି ଏକ ସ୍ୱତନ୍ତ୍ର ସମ୍ମାନ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଆର୍‌ଏସ୍-ୱାକଫ୍

ରାଜ୍ୟସଭାରେ ୱାକଫ୍ ସଂଶୋଧନ ବିଲ୍ ଉପରେ ଆଲୋଚନା ଚାଲିଛି । ବିଲ୍‌କୁ ଆଗତ କରି ସଂସଦୀୟ ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ୱାକଫ୍ ସମ୍ପର୍କିତ ଶୃଙ୍ଖଳିତ ପରିଚାଳନା, ଐତିହ୍ୟ

ସ୍ଥଳୀଗୁଡ଼ିକର ସୁରକ୍ଷା ଏବଂ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ । ୱାକଫ୍ ସମ୍ପତ୍ତି ପରିଚାଳନାରେ ସ୍ୱଚ୍ଛତା ବୃଦ୍ଧି, ୱାକଫ୍ ବୋର୍ଡ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟକୁ ଶୃଙ୍ଖଳିତ କରିବା ସହିତ ଅଂଶିଦାରଙ୍କ ଅଧିକାରର ସୁରକ୍ଷା କରି ପ୍ରଶାସନରେ ଉନ୍ନତି ଆଣିବା ଏହି ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି । ମୁସଲମାନ ସମ୍ପ୍ରଦାୟର ମହିଳା ବିଶେଷ କରି ବିଧବା ଏବଂ ଛାଡ଼ପତ୍ର ପାଇଥିବା ମହିଳାଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଆଣିବାକୁ ଏହି ବିଲ୍ ମାଧ୍ୟମରେ ପ୍ରୟାସ କରାଯାଇଛି ବୋଲି ସେ କହିଛନ୍ତି । ଯୁଗ୍ମ ସଂସଦୀୟ କମିଟି ବିଭିନ୍ନ କ୍ଷେତ୍ରର ମତାମତ ଏବଂ ପରାମର୍ଶକୁ ଆଧାର କରି ଦେଇଥିବା ସୁପାରିଶ ଭିତ୍ତିରେ ଏହି ବିଲ୍‌ରେ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ।

**V/O-KIREN-RIJIJU-WAQF**

ସୂଚନା ଯୋଗ୍ୟ ଏହି ବିଲ୍ ଗତକାଲି ଲୋକସଭାରେ ଅନୁମୋଦନ ଲାଭ କରିଛି ।

# ଏଲ୍ଏସ୍-ଫୁଡ୍ ଟେଷ୍ଟିଂ

କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ ପାଶୱାନ୍ କହିଛନ୍ତି, ଖାଦ୍ୟର ଗୁଣବତ୍ତା ସୁନିଶ୍ଚିତ କରିବାକୁ ସରକାର ଖୁବ୍ ଶୀଘ୍ର ଦେଶରେ ୧୦୦ଟି ଖାଦ୍ୟ ପରୀକ୍ଷା ଲ୍ୟାବ୍ ନିର୍ମାଣ କରିବେ । ଲୋକସଭାରେ ଶୂନ୍ୟକାଳରେ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ପାଶୱାନ୍ କହିଛନ୍ତି, ଖାଦ୍ୟ ପଦାର୍ଥର ଗୁଣବତ୍ତା ଉପରେ ସରକାର କୌଣସି ପ୍ରକାର ଆପୋଷ ବୁଝାମଣା କରିବେ ନାହିଁ । ସେ କହିଛନ୍ତି, ଦେଶରେ ୨୦୫ଟି ଖାଦ୍ୟ ପରୀକ୍ଷା ଲ୍ୟାବ୍ କାର୍ଯ୍ୟକ୍ଷମ ଥିବା ବେଳେ ଏଥି ପାଇଁ ୫୦୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଶ୍ରୀ ପାଶୱାନ୍ କହିଛନ୍ତି, ଭାରତର ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଗତ ଦୁଇ ବର୍ଷ ମଧ୍ୟରେ ୩ ଲକ୍ଷରୁ ଅଧିକ ନମୁନା ପରୀକ୍ଷା କରିଥିବା ବେଳେ ଏଥିରୁ ୧୩ ହଜାର ନମୁନା ଅସୁରକ୍ଷିତ ଥିବାର ଜଣାପଡ଼ିଛି । ସେ କହିଛନ୍ତି, ୨ ହଜାରରୁ ଅଧିକ ଲୋକଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରାଯାଇଛି ।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, ଏଫ୍.ଏସ୍.ଏସ୍.ଏ.ଆଇ. ବର୍ଷ ସାରା ଏହାର ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ରାଜ୍ୟ ଖାଦ୍ୟ ନିରାପତ୍ତା ବିଭାଗ ମାଧ୍ୟମରେ ଖାଦ୍ୟ ପଦାର୍ଥର ନିୟମିତ ନିରୀକ୍ଷଣ, ଯାଞ୍ଚ୍ ସହିତ ଖାଦ୍ୟ ନମୁନା ମଧ୍ୟ ସଂଗ୍ରହ କରିଥାଏ ।

# ଏସ୍‌ସି–ଡବ୍ଲ୍ୟୁବି ଟିଚର୍ସ୍

ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗ ହାଇକୋର୍ଟ ଦେଇଥିବା ନିଷ୍ପତ୍ତିକୁ ସୁପ୍ରିମ୍‌କୋର୍ଟ କାଏମ୍ ରଖିଛନ୍ତି । ସରକାରୀ ବିଦ୍ୟାଳୟ ଗୁଡ଼ିକରେ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ନେଇ ୨୫ ହଜାର ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କ ଚାକିରୀକୁ କୋଲକତା ହାଇକୋର୍ଟ ପୂର୍ବରୁ ରଦ୍ଦ କରିଦେଇଥିଲେ । ଏହି ପଦବୀ ଗୁଡ଼ିକରେ ପୁନଃ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସଂଜୀବ ଖାନ୍ନା ଏବଂ ବିଚାରପତି ସଂଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ନିଯୁକ୍ତି ପ୍ରକ୍ରିୟାକୁ ତିନି ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ମାନବିକତା ଦୃଷ୍ଟିକୋଣରୁ ପୂର୍ବ ନିଯୁକ୍ତି ପ୍ରକ୍ରିୟାରେ ମନୋନୀତ ହୋଇଥିବା ଦିବ୍ୟାଙ୍ଗ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମ୍‌କୋର୍ଟ ବୈଧ ଘୋଷଣା କରିଛନ୍ତି । ନିଯୁକ୍ତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସି.ବି.ଆଇ. ତଦନ୍ତ ସଂକ୍ରାନ୍ତ କୋଲକତା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଆଗତ ମାମଲାର ଶୁଣାଣି ଆସନ୍ତାକାଲି ହେବ ବୋଲି ଖଣ୍ଡପୀଠ କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଉ ଅଳ୍ପ ସମୟ ପରେ କୋଲକାତାର ଇଡେନ ଗାର୍ଡେନ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ଟସ୍ ଜିତି ସନ୍‌ରାଇଜର୍ସ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜୁରାଟ ଟାଇଟନ୍ସ ୮ ୱିକେଟରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଥିଲା ।